## କରୋନା ପାଇଁ ପାଠପଢ଼ା ବନ୍ଦ

# ଅନ୍ଧାରରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ

ବ୍ରହ୍ମପୁର ଅଫିସ,୭।୧୧

ରାଜ୍ୟରେ କୋରନା ସଂକ୍ରମଣର ଦ୍ୱିତୀୟ ଲହରୀ ଆରମ୍ଭ ହେବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ରାଜ୍ୟ ସରକାରଙ୍କୁ ସୂଚନା ଦେଇଛନ୍ତି। କୋଭିଡ-୧୯ ଯୋଗୁ ମାର୍ଚ୍ଚରୁ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିଛି। ଫଳରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ନ ଆସି ଅନ୍‌ଲାଇନ୍‌ରେ ପାଠ ପଢୁଛନ୍ତି। ଦୀର୍ଘ ୮ମାସ ଧରି ବିଦ୍ୟାଳୟରେ ପାଠ ପଢା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ରାଜ୍ୟ ସରକାର ଘୋଷଣା କରିଥିଲେ ଦଶହରା ଛୁଟି ପରେ ସ୍କୁଲ୍ ଖୋଲିବ। କିନ୍ତୁ ଏହା ସମ୍ଭବ ହୋଇପାରିଲା ନାହିଁ। ଫଳରେ ଡିସେମ୍ବର ୩୧ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିଷ୍ପତ୍ତି ରହିଛି। ପୂର୍ବରୁ ୩୦ପ୍ରତିଶତ ସିଲାବସ୍ କମ୍ କରିଥିଲେ। ସ୍ଥିତି ଗୁରୁତର ହେବା ଆଶଙ୍କା କରି ଚଳିତ ବର୍ଷ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିବ ବୋଲି ବିଦ୍ୟାଳୟ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ବ୍ରହ୍ମପୁରରେ ଏହାର ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଶିକ୍ଷାବିତମାନଙ୍କ କହିବା କଥା ଚଳିତ ବର୍ଷ ପାଠ୍ୟଖସଡା କୋରନା ପାଇଁ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଛି। ଅନଲାଇନ ଶିକ୍ଷା ଆରମ୍ଭ ହୋଇଛି ସତ ସହରର ସବୁ ପିଲାମାନେ କଷ୍ଟେ ମଷ୍ଟେ ଶିକ୍ଷା ଗ୍ରହଣ କରୁଛନ୍ତି। କିନ୍ତୁ ଗ୍ରାମାଞ୍ଚଳର ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ଅଧିକରୁ ଅଧିକ ପିଲାମାନଙ୍କ ପାଖେ ନା ଅଛି ସ୍ମାର୍ଟଫୋନ ନା ଅଛି ଇଣ୍ଟରନେଟର ସୁବିଧା। ସେଥିରେ ପୁଣି ଅଧିକାଂଶ ଜାଗାରେ ନେଟୱର୍କ ସମସ୍ୟା ରହୁଛି। କେଉଁଠି ଗଛରେ ଚଢି ପାଠ ପଢୁଛନ୍ତି ତ ଆଉ କେଉଁଠି ପାହାଡ଼ ଉପରେ। ବର୍ତ୍ତମାନ ସୁଦ୍ଧା ଶତପ୍ରତିଶତ ସିଲାବସ୍ ପାଠ ପଢିନାହନ୍ତି ଛାତ୍ରୀଛାତ୍ର। ଯଦି ସରକାର ଅନ୍‌ଲାଇନ୍ ମାଧ୍ୟମରେ ପରୀକ୍ଷା କରନ୍ତି ତାହେଲେ ପିଲାଙ୍କ ଭବିଷ୍ୟତ କଣ ହେବ। ଅଭିଭାବକ ମାନଙ୍କ କହିବା କଥା ଯେହେତୁ କୋରନା ସମୟ ଚାଲିଛି ଆଗକୁ ସଂକ୍ରମଣର ଭୟ ଥିବାରୁ ବିଦ୍ୟାଳୟ ବନ୍ଦ ରଖିବା ସ୍ୱାଗତଯୋଗ୍ୟ ପଦକ୍ଷେପ।



ରଙ୍ଗେଇଲୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟ

# ଅର୍ଣ୍ଣବଙ୍କ ଗିରଫକୁ ଏବିଭିପିର ବିରୋଧ

ଫୁଲବାଣୀ ଅଫିସ, ୭।୧୧

ରିପବ୍ଲିକ ଟିଭିର ସମ୍ପାଦକ ଅର୍ଣ୍ଣବ ଗୋସ୍ୱାମୀଙ୍କୁ ମହାରାଷ୍ଟ୍ର ପୋଲିସ ଗିରଫ କରିଛି। ମହାରାଷ୍ଟ୍ର ସରକାର ଏଥିରେ ସାମିଲ ଅଛନ୍ତି। ଅର୍ଣ୍ଣବଙ୍କୁ ଗିରଫ କରି ଗଣତନ୍ତ୍ରର ହତ୍ୟା କରାଯାଇଛି। ସାମ୍ବାଦିକଙ୍କ ଉପରେ ହୋଇଥିବା ଏଭଳି ଆଚରଣକୁ ବିରୋଧ କରି କନ୍ଧମାଳ ଜିଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶୀଘ୍ର ଅର୍ଣ୍ଣବଙ୍କୁ ଛାଡ଼ିବା ପାଇଁ ସେମାନେ ଦାବି କରିଛନ୍ତି। ଏବିଭିପି ଜିଲା ପ୍ରମୁଖ ଶିବାଶିଷ ପଣ୍ଡାଙ୍କ ନେତୃତ୍ୱରେ ରାଜ୍ୟ ସହ ସମ୍ପାଦିକା କବିତା କହଁର, ଫୁଲବାଣୀ ନଗର ସମ୍ପାଦକ ଦିବ୍ୟରଞ୍ଜନ ଡାକୁଆ, ତଅପୋଇ କହଁର, ପ୍ରୀତିଜିନା ସେଠୀ, ଅମିତ ବେହେରା, ଶିବାନୀ ଦିଗାଲ, ରାଜନନ୍ଦିନୀ ସାହାଣୀ, ଆଶିଷ ବଗର୍ତ୍ତୀ, ରୁପାଲୀ ନାୟକ, ଗୁକୁନା ମଲ୍ଲିକ ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।




ଏବିଭିପି କର୍ମକର୍ତ୍ତା।

## ସଂକ୍ଷେପରେ

### ସାନ ଭାଇ ଟାଙ୍ଗିଆ ଚୋଟରେ ବଡ଼ ଆହତ

ହିଞ୍ଜିଳିକାଟୁ,୭।୧୧(ଡି.ଏନ୍.ଏ.)- ହିଞ୍ଜିଳି ଥାନା ଖଣ୍ଡରା ଗ୍ରାମରେ ଶୁକ୍ରବାର ସାନ ଭାଇ ଓ ତାଙ୍କ ସମର୍ଥକଙ୍କ ଆକ୍ରମଣରେ ବଡ଼ ଭାଇ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ବଡ଼ ଭାଇ ପ୍ରତାପ ଚୌଧୁରୀଙ୍କ ଏତଲାକୁ ଭିତ୍ତି କରି ହିଞ୍ଜିଳି ପୋଲିସ ନଂ. ୪୦୦/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତ ସାନଭାଇ ଫେରାର ଅଛନ୍ତି। ପ୍ରକାଶ ଯେ, ପ୍ରତାପ ଘରେ ଥିବା ବେଳେ ୫ ଜଣ ଅଜଣା ବ୍ୟକ୍ତି ଆସି ତାଙ୍କୁ ବାହାରକୁ ଡାକି ଗାଳିଗୁଲଜ କରିଥିଲେ। ପ୍ରତିବାଦ କରିବାରୁ ପ୍ରତାପଙ୍କ ସାନଭାଇ ଆସି ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ପ୍ରତାପଙ୍କ ପାଟି ଶୁଣି ଗ୍ରାମବାସୀ ପହଞ୍ଚିବାରୁ ସାନ ଭାଇ ପଳାଇଥିଲେ। ଗୁରୁତର ଅବସ୍ଥାରେ ପ୍ରତାପଙ୍କୁ ଉଦ୍ଧାର କରାଯାଇ ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ଗହଣା ଲୁଟେରା ଗିରଫ, ବାଇକ୍ ଜବତ

ପାରଳାଖେମୁଣ୍ଡି, ୭।୧୧(ଡି.ଏନ୍.ଏ.)- ପାରଳାଖେମୁଣ୍ଡି ସ୍ଥିତ ନେହେରୁ ଛକ ନିକଟରୁ ଗତ ୫ ତାରିଖରେ ଲୁଟ କରିଥିବା ଜଣେ ଗହଣା ଲୁଟେରାଙ୍କୁ ପୋଲିସ ଶନିବାର ଗିରଫ କରଛି। ସେ ହେଲେ ଏ.ଅର୍ଜୁନ କୁମାର (୩୨)। ତାଙ୍କଠାରୁ ଏକ ବାଇକ୍ ଜବତ ହୋଇଛି। ଏ ନେଇ ନଂ. ୨୬୯/ ୨୦ରେ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ନେହେରୁ ଛକ ନିକଟରେ ଥିବା ସୁନା ଦୋକାନରୁ ଅଳଙ୍କାର ଚୋରି ହୋଇଥିବା ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଏତଲା ଦିଆଯାଇଥିଲା।

### ଶାନ୍ତିଶକ୍ତି ଭବନରେ ପ୍ରତିଯୋଗିତା

ଆସିକା,୭।୧୧(ଡି.ଏନ୍.ଏ.)- ଆସିକା ବସ୍‌ଷ୍ଟାଣ୍ଡସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାନ୍ତିଶକ୍ତି ଭବନ ପରିସରରେ ଶନିବାର ଶିଶୁ ଦିବସ ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ସବ୍‌ଜୋନ ସ୍ତରୀୟ ପ୍ରତିଯୋଗିତା ଲାଗି ମନୋନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ରହ୍ମପୁର ସବ୍‌ଜୋନ ସଞ୍ଚାଳିକା ରାଜଯୋଗିନୀ ମଞ୍ଜୁ ଓ ମାଳା ଦିଦିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ବିଚାରକ ଭାବେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଯୁଧିଷ୍ଠିର ଦୋରା, ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ପାଣିଗ୍ରାହୀ, ସଞ୍ଜୟ କୁମାର ପଟ୍ଟନାୟକ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ବାଡତ୍ୟା ଯୋଗଦେଇଥିଲେ। ଆସିକା କେନ୍ଦ୍ର ସଞ୍ଚାଳିକା ବ୍ରହ୍ମକୁମାରୀ ପ୍ରଭାତୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପୂର୍ବତନ କାଉନ୍‌ସିଲରଙ୍କ ପରଲୋକ

ବୁଗୁଡ଼ା,୭।୧୧(ଡି.ଏନ.ଏ.)-ପୂର୍ବତନ କାଉନସିଲର ତଥା ବୁଗୁଡ଼ା ଏନ୍‌ଏସିର ପ୍ରାକ୍ତନ ଅଧ୍ୟକ୍ଷ ପ୍ରେମଲତା ଦାଶଙ୍କ ସ୍ୱାମୀ ଶିବ ପ୍ରସାଦ ଦାଶ (୬୩)ଙ୍କ ଶନିବାର ଅରବିନ୍ଦନଗର ସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ୧୯୯୭ ରୁ ୨୦୦୩ ପର୍ଯ୍ୟନ୍ତ ୬ ନମ୍ବର ୱାର୍ଡର କାଉନସିଲର ତଥା ଗଞ୍ଜାମ ଜିଲା ବୈଦିକ ବ୍ରାହ୍ମଣ ସମାଜର ସଭାପତି ଥିଲେ। ଦୀର୍ଘ ଦିନ ଧରି ଶିବ ଅସୁସ୍ଥ ଥିବା ବେଳେ ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ସ୍ତ୍ରୀ, ପୁଅ, ବୋହୂ ଏବଂ ସମ୍ପର୍କୀୟ ଉପସ୍ଥିତ ଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଅନ୍ତିମ ଦର୍ଶନ କରିଥିଲେ। ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ବାଘୁଆ ନଦୀ ପଠାରେ ଅନ୍ତିମ ସଂସ୍କାର କରାଯାଇଥିଲା।

### ଯୁବ କଂଗ୍ରେସ ପକ୍ଷରୁ ଫଳ ବଣ୍ଟନ

ଫୁଲବାଣୀ ଅଫିସ, ୭।୧୧-ଭାରତ ଯୁବ କଂଗ୍ରେସ ସଭାପତି ଶ୍ରୀନିଭାସ ବି.ଭିଙ୍କ ଜନ୍ମ ଦିବସ ଅବସରେ ଶନିବାର କନ୍ଧମାଳ ଯୁବ କଂଗ୍ରେସ ପକ୍ଷରୁ ଫଳ ବଣ୍ଟନ କରାଯାଇଛି। ଫୁଲବାଣୀସ୍ଥିତ ଗୋପବନ୍ଧୁ ବାଳାଶ୍ରମକୁ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ଯାଇ ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରିଛନ୍ତି। ଏଥିରେ ଜିଲା ଯୁବ କଂଗ୍ରେସ ସଭାପତି ବସନ୍ତ କୁମାର ପାଢ଼ୀଙ୍କ ନେତୃତ୍ୱରେ ହେମନ୍ତ କର, ଦୁର୍ଯ୍ୟୋଧନ ପଟ୍ଟନାୟକ, ସୂର୍ଯ୍ୟକାନ୍ତ ଦାସ, ସଂସାର ଭୋଇ, ନନ୍ଦକିଶୋର ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ମହାମାୟୀ ପୀଠରେ ଜନଗହଳି



ମହାମାୟୀଙ୍କ ପୀଠରେ ଭକ୍ତଙ୍କ ଗହଳି।

କବିସୂର୍ଯ୍ୟନଗର,୭।୧୧

ଅନଲକ୍ ୬.୦ରେ ଧାର୍ମିକ ଅନୁଷ୍ଠାନ, ମନ୍ଦିର ଖୋଲିବାକୁ ସରକାରଙ୍କ ପକ୍ଷରୁ ସବୁଜ ସଙ୍କେତ ମିଳିନାହିଁ। ତଥାପି କାର୍ତ୍ତିକ ମାସର ପ୍ରଥମ ଶନିବାର କବିସୂର୍ଯ୍ୟନଗର ଅଧିଷ୍ଠାତ୍ରୀ ଦେବୀ ମା’ ମହାମାୟୀଙ୍କ ପୀଠରେ ପ୍ରବଳ ଗହଳି ରହିଥିଲା। କୋଭିଡ୍ କଟକଣା ନ ମାନି ବହୁ ଦୂରଦୂରାନ୍ତରୁ ହଜାର ହଜାର ଭକ୍ତ ମହାମାୟୀଙ୍କ ପୀଠକୁ ଆସିଥିଲେ। କରୋନା ଦ୍ୱିତୀୟ ଲହରୀ ଆଶଙ୍କାରେ ଗଞ୍ଜାମ ଜିଲା ପ୍ରଶାସନ ଡିସେମ୍ବର ୧ ଯାଏ ମନ୍ଦିର ଖୋଲିବାକୁ କଟକଣା ଲଗାଇଛି। କିନ୍ତୁ ଏହି ନିୟମକୁ ଫୁଁ କରି ମନ୍ଦିର ଓ ସ୍ଥାନୀୟ ପ୍ରଶାସନ ଚୁପ୍ ରହିଛି। ପୁଣିଥରେ ଗଞ୍ଜାମ ଜିଲାରେ ସଂକ୍ରମଣରେ ପ୍ରଥମ ସ୍ଥାନରେ ଥିବା କବିସୂର୍ଯ୍ୟନଗରକୁ କରୋନା ଫେରିବା ଭୟ ଦେଖାଦେଇଛି। ତେବେ ୨ୟ, ୩ୟ ଓ ୪ର୍ଥ ପାଳି ଭକ୍ତଙ୍କ ସମାଗମ ନାହିଁ ନ ଥିବା ହେବ, ଯାହା ନିୟନ୍ତ୍ରଣ ବାହାରକୁ ଚାଲିଯିବ। ଏହାର ମୁକାବିଲା ଲାଗି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ସାନଖେମୁଣ୍ଡିରେ ସିପିଆଇର ବୈଠକ

ପାଟପୁର,୭।୧୧

ସିପିଆଇ ସାନଖେମୁଣ୍ଡି ଅଞ୍ଚଳ ପରିଷଦ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ମହାନଳା ଠାକୁରାଣୀ ମନ୍ଦିର ପରିସରରେ ସାଥୀ ବିନାୟକ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସିପିଆଇ ଜିଲା ସମ୍ପାଦକ ପ୍ରକାଶ ପାତ୍ର, ଏଆଇୱାଇଏଫ୍ ଜିଲା ସଭାପତି କାମଦେବ ନାୟକ ପ୍ରମୁଖ ଯୋଗଦେଇ ଦେଶ ଓ ରାଜ୍ୟର ସାମ୍ପ୍ରତିକ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ତୃଣମୂଳ ସ୍ତରରୁ ଜନବିରୋଧୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କଳା ଆଇନ ବିରୋଧରେ ସଂଗ୍ରାମ ପାଇଁ ସିପିଆଇ ସାନଖେମୁଣ୍ଡି ଆଞ୍ଚଳିକ ପରିଷଦ ବୈଠକରେ ଆହ୍ୱାନ ଦେଇଛି। ଜୋନ୍ ସମ୍ପାଦକ କୈଳାସ ପାତ୍ର, ଅନନ୍ତ ମହାକୁଡ, ସୁଶାନ୍ତ ସ୍ୱାଇଁ, ଗୌରଚନ୍ଦ୍ର ପାତ୍ର, ଏ କ୍ରିଷ୍ଣାମୂର୍ତ୍ତି ପାତ୍ର, ଏ ନରେନ୍ଦ୍ର ରେଡ୍ଡୀ, ଅଭିରାମ ପଟ୍ଟନାୟକ, ଭାସ୍କର ମହାରଣା, କଂଗ୍ରେସ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍‌ଲାଇନ ସଚେତନତା ଶିବିର

ପାରଳାଖେମୁଣ୍ଡି,୭।୧୦(ଡି.ଏନ୍.ଏ.)

ଗଜପତି ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲା କୋର୍ଟଠାରେ ଏକ ଅନ୍‌ଲାଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଖଣ୍ଡ ବିଚାର ବିଭାଗୀୟ ଅଧିକାରୀ ଚନ୍ଦ୍ରହାସ ବେହେରା, ଦିତୀୟ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ସୁଶ୍ରୀ ଶୁଭଲକ୍ଷ୍ମୀ ପ୍ରିୟଦର୍ଶିନିଙ୍କ ସମେତ ସମସ୍ତ ଆଇନଜୀବୀ ବୃନ୍ଦ ଓ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ ଓ ମହେନ୍ଦ୍ର ଗିରି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅନ୍‌ଲାଇନ ମାଧ୍ୟମରେ ଯୋଗ ଦେଇଥିଲେ। ସଚିବ ନାୟକ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଆଲୋକପାତ କରିଥିଲେ।

ପାରଳାଖେମୁଣ୍ଡି ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ ପୌରପରିଷଦ ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ ଓ ପାରଳାଖେମୁଣ୍ଡି ସହରକୁ କିପରି ସ୍ୱଚ୍ଛ ରଖାଯାଇ ପାରିବ ସେନେଇ ଆଲୋଚନା କରାଯାଇଥିଲା।

## ଆରଡିସିଙ୍କ ପାରଳାଖେମୁଣ୍ଡି ଗସ୍ତ



ବୈଠକରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଓ ଅନ୍ୟମାନେ।

ପାରଳାଖେମୁଣ୍ଡି,୭।୧୧(ଡି.ଏନ୍.ଏ.)

ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଟି. ଆପାଙ୍ଗ ଆଓ ଦିନିକିଆ ପାରଳାଖେମୁଣ୍ଡି ଗସ୍ତରେ ଆସି ବିଭିନ୍ନ ବିଭାଗର ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲାରେ କରୋନା ସଂକ୍ରମଣ ହ୍ରାସ ପାଇବା ନେଇ ଆଲୋଚନା ହୋଇଥିଲା। ବିଶେଷ କରି ପ୍ଲାଜ୍‌ମା ଦାନ ଉପରେ ପଦକ୍ଷେପ ନେବାକୁ ଜିଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ। ଏଥିସହ ରବିବାର ମହାରାଜା ବାଳକ ବିଦ୍ୟାଳୟରେ ଉଦ୍ୟାନବିତ୍ ପରୀକ୍ଷା ହେବାକୁ ଥିବାବେଳେ ଏହାର ପ୍ରସ୍ତୁତି ଅନୁଧ୍ୟାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ସଠିକ୍ ଭାବେ ପରିଚାଳନା ପାଇଁ ଜିଲା ପ୍ରଶାସନକୁ ପ୍ରଶଂସା କରିଥିଲେ କମିଶନର ଆଓ। ବୈଠକରେ ଜିଲାପାଳ ଅନୁପମ ସାହଙ୍କ ସମେତ ଉପ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ପ୍ରକଳ୍ପ ନିର୍ଦ୍ଦେଶକ ମହେଶ କୁମାର ଚୌଧୁରୀ, ସରୋଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା ନିର୍ମାଣ କଲେ ଗ୍ରାମବାସୀ



ରାସ୍ତା ତିଆରି କରୁଛନ୍ତି ଗ୍ରାମବାସୀ।

ବୁଗୁଡ଼ା,୭।୧୧(ଡି.ଏନ.ଏ.)

### ଶୁଣିଲାଣି ପ୍ରଶାସନ

ଜନସାଧାରଣଙ୍କ ପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳରେ ରାସ୍ତା ତିଆରି କରୁଥିବା କହୁଛନ୍ତି। ହେଲେ ଦୀର୍ଘ ୨୦ ବର୍ଷ ହେଲା ରାସ୍ତାରେ କିପରି ମାଟି ମୁଠାଏ ମଧ୍ୟ ପଡ଼ିପାରିନାହିଁ ଏହାର ଉଦାହରଣ ଦେଖିବାକୁ ମିଳିଛି ବୁଗୁଡ଼ା ବ୍ଲକ ସଙ୍କୁରୁ ପଞ୍ଚାୟତରେ। ବୁଗୁଡ଼ା-ମାଣିତରା ପୂର୍ତ୍ତ ବିଭାଗ ରୋଡ ବୋହୁପଥରଠାରୁ ସିଧା ସଙ୍କୁରୁ ଗ୍ରାମକୁ ଦୀର୍ଘ ବର୍ଷ ହେଲା ରାସ୍ତା ମରାମତି ନ ହୋଇ ପଡ଼ି ରହିଛି। ଏହି ରାସ୍ତା ଦେଇ ପ୍ରତିଦିନ ଶତାଧିକ ଲୋକେ ଚଳପ୍ରଚଳ ହୁଅନ୍ତି। କିନ୍ତୁ ଉକ୍ତ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିବାରୁ ଯାନବାହନ ତ ଦୂରର କଥା ଚାଲିବାକୁ ମଧ୍ୟ ଲୋକଙ୍କୁ ଅସୁବିଧା ହେଉଛି। ସଙ୍କୁରୁ ପଞ୍ଚାୟତର ସଙ୍କୁରୁ ଓ ଗିଳିଖମା ଲୋକେ ଏହି ରାସ୍ତା ତିଆରି ପାଇଁ ନେତା, ଲୋକ ପ୍ରତିନିଧି, ପ୍ରଶାସନ ଓ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଥିଲେ ମଧ୍ୟ କେହି ଶୁଣିଲେ ନାହିଁ। ଶେଷରେ ଗିଳିଖମା ଗ୍ରାମର ୩ ଶହ ଗ୍ରାମବାସୀ ଶନିବାର ଚାନ୍ଦା କରି ମିଳିତ ଭାବେ ବୋହୁପଥରଠାରୁ ସଙ୍କୁରୁ ଗ୍ରାମର ଚକାବାଟ ପ୍ରାୟ ୩ କିମି ପର୍ଯ୍ୟନ୍ତ ରାସ୍ତାକୁ ତିଆରି କରିଛନ୍ତି।

## କେନାଲ ପାଇଁ ଭଙ୍ଗାହେଲା ବିଦ୍ୟାଳୟ ଗୃହ

ସୋର, ୭।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ବ୍ଲକ ଅଧୀନ ଦିଗି ଗ୍ରାମରେ ୨୦୦୭ରେ ସ୍ଥାପିତ ହୋଇଥିବା ପ୍ରାଥମିକ ବିଦ୍ୟାଳୟ କେନାଲ ଲାଇନ୍‌ରେ ପଡ଼ିଥିବାରୁ ସରକାରଙ୍କ ନୂଆ ନିୟମ ଅନୁଯାୟୀ ଏହାକୁ ନିକଟସ୍ଥ ଭଅଁରା ନୋଡାଲ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବିଦ୍ୟାଳୟର ସମସ୍ତ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯିବା ସହିତ ଏହାର ଆସବାବପତ୍ରକୁ ମଧ୍ୟ ସ୍ଥାନାନ୍ତର କରାଯାଇଥିଲା। ଗତ ଜୁଲାଇ ୨୯ରେ କେନାଲ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର, ସୋର ତହସିଲଦାର ବୁଲ୍‌ଡୋଜର ଲଗାଇ ଏହାକୁ ଭାଙ୍ଗିବା ବେଳେ ଗ୍ରାମବାସୀ ବିରୋଧ କରିଥିଲେ। ଫଳରେ କାର୍ଯ୍ୟ ବନ୍ଦ ରହିଥିଲା। ସେମାନଙ୍କ ଦାବି ଅନୁଯାୟୀ ସ୍କୁଲରେ ୪୦ ଛାତ୍ରୀଛାତ୍ର ପଢୁଥିବା ବେଳେ ଭଅଁରା ନୋଡାଲ ସ୍କୁଲକୁ ଦେଢ଼ କି.ମି. ବୁଲି ଯିବାକୁ ପଡିବ। ଛୋଟପିଲା ଏତେବାଟ ଯିବା ସମ୍ଭବ ନୁହେଁ। ଲୋକମାନଙ୍କ ଦାବିକୁ ଦୃଷ୍ଟିରେ ରଖି ୧ ମାସ ସମୟ ଦିଆଯାଇଥିଲା। ଗ୍ରାମବାସୀ ଜିଲାପାଳ, କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା କିଛି ସୁଫଳ ନ ମିଳିବାରୁ ପୋଲିସ ପ୍ରଶାସନ ଉପସ୍ଥିତିରେ ସ୍କୁଲ ଗୃହ ଭଙ୍ଗାଯାଇଥିଲା।

## ଋଷିକୁଲ୍ୟାରେ ବୁଡ଼ି ବୃଦ୍ଧ ମୃତ

ଶେରଗଡ଼/ହିଞ୍ଜିଳିକାଟୁ, ୭।୧୧(ଡି.ଏନ.ଏ.)

ଋଷିକୁଲ୍ୟା ନଦୀରେ ବୁଡ଼ି ଶନିବାର ଅପରାହ୍ନରେ ଶେରଗଡ଼ ବ୍ଲକ ଚଷାପିତଳ ଗ୍ରାମର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ କାଶୀନାଥ ଗୌଡ଼(୭୦)। କାଶୀନାଥ ଋଷିକୁଲ୍ୟା ନଦୀକୁ ଶୌଚ କରିବାକୁ ଯାଇଥିବା ବେଳେ ପାଣି ସ୍ରୋତରେ ଭାସି ଯାଇଥିଲେ। ଚଷାପିତଳଠାରୁ ପ୍ରାୟ ଏକ କିଲୋମିଟର ଦୂର ପିତଳ ହାଟପଦାଠାରେ ଏକ ବୁଦାରେ ମୃତଦେହ ଲାଗିଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ହିଞ୍ଜିଳି ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ଏ ନେଇ ନଂ.୩୧/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଚିନ୍ତାରେ ଘରୋଇ ଶିକ୍ଷାନୁଷ୍ଠାନ କର୍ମଚାରୀ

ଭଞ୍ଜନଗର,୭।୧୧(ଡି.ଏନ.ଏ)

- କରୋନା ଯୋଗୁ ୫୦ ପ୍ରତିଶତ ଦରମା କାଟ୍
- ଛଟେଇ ପାଇଁ ଚାଲିଛି ଯୋଜନା

ରାଜ୍ୟରେ କରୋନା ସ୍ଥିତି ବର୍ତ୍ତମାନ ଗମ୍ଭୀର ନଥିଲେ ମଧ୍ୟ ଶୀତ ଋତୁରେ ପୁଣି ସ୍ଥିତି ବିଗିଡ଼ିବା ସମ୍ଭାବନା ରହିଛି। ଯାହାକୁ ନେଇ ରାଜ୍ୟ ସରକାର ଶିକ୍ଷାନୁଷ୍ଠାନ ଗୁଡ଼ିକୁ ଡ଼ିସେମ୍ବର ପର୍ଯ୍ୟନ୍ତ ବନ୍ଦ କରି ଦେଇଛନ୍ତି। ଜାନୁୟାରୀରେ ସ୍ଥିତିକୁ ଦେଖି ବିଦ୍ୟାଳୟ ଖୋଲିବା ଯୋଜନା ଅଛି।

ଶିକ୍ଷାନୁଷ୍ଠାନ ଖୋଲିବାକୁ ଅନୁମତି ମିଳୁ ନଥିବା ଯୋଗୁ ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକର ଆର୍ଥିକସ୍ଥିତି ଖରାପ ହୋଇପଡ଼ିଛି। ଏହାର ପ୍ରଭାବ କର୍ମଚାରୀଙ୍କ ଉପରେ ପଡ଼ିଛି। ଭଞ୍ଜନଗର ସହରରେ ଥିବା ଅଧିକାଂଶ ଘରୋଇ ଶିକ୍ଷାନୁଷ୍ଠାନରେ ୫୦ ପ୍ରତିଶତରୁ କମ୍ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ସ୍କୁଲ ଖୋଲୁ ନଥିବା ଯୋଗୁ ଟ୍ୟୁଶନ ଫି’ ଆଦାୟ ହେଉନାହିଁ। ଏଭଳି ପରିସ୍ଥିତିରେ କର୍ମଚାରୀଙ୍କୁ ଦରମା ଦେବା ମଧ୍ୟ ସମ୍ଭବ ହୋଇପାରୁନାହିଁ। ତେଣୁ ଭଞ୍ଜନଗରର ଏକ ବଡ଼ ଶିକ୍ଷାନୁଷ୍ଠାନ ନିଜର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦରମା କାଟ୍ କରିଛନ୍ତି। ଏଥିସହ ୫୦ ପ୍ରତିଶତ କର୍ମଚାରୀଙ୍କୁ ମଧ୍ୟ ଛଟେଇ ଯୋଜନା ରହିଛି। ଯାହାକୁ ନେଇ କର୍ମଚାରୀ ଚିନ୍ତାରେ। ଆଉ କିଛି ଶିକ୍ଷାନୁଷ୍ଠାନ କର୍ମଚାରୀଙ୍କ ସମ୍ପୂର୍ଣ୍ଣ ଦରମା ବନ୍ଦ କରିଦେଇଛି। ଟିକା ନଆସିବା ପର୍ଯ୍ୟନ୍ତ ଶିଶୁକୁ ବିଦ୍ୟାଳୟ ଛାଡ଼ିବାକୁ ଅଧିକାଂଶ ଅଭିଭାବକ ମାନସିକ ପ୍ରସ୍ତୁତ ନୁହଁନ୍ତି। ତେଣୁ ବିଦ୍ୟାଳୟ କେବେ ଖୋଲିବ ତାହା ଜଣାପଡୁନାହିଁ। ଅନ୍ୟପଟେ ଅନ୍‌ଲାଇନ ପଠାପଢ଼ାରୁ ମଧ୍ୟ ୫୦ ପ୍ରତିଶତରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ବଞ୍ଚିତ ହେଉଛନ୍ତି। ସେମାନଙ୍କ ଭବିଷ୍ୟତକୁ ନେଇ ମଧ୍ୟ ଅଭିଭାବକମାନେ ଚିନ୍ତିତ।

# ଅଫିସରେ ମାନୁନାହାନ୍ତି କରୋନା କଟକଣା

ଭଞ୍ଜନଗର,୭।୧୧(ଡି.ଏନ.ଏ)

କରୋନା ନିୟନ୍ତ୍ରଣ ପାଇଁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଜୋରଦାର ପ୍ରଚାର କରାଯାଉଛି। ସାମାଜିକ ଦୂରତ୍ୱ ବଜାୟ ରଖିବା ସହ ହାତ ବାରମ୍ବାର ଧୋଇବାକୁ ପରାମର୍ଶ ଦିଆଯାଉଛି। ଏଥିସହ ସରକାରୀ କିମ୍ବା ବେସରକାରୀ କାର୍ଯ୍ୟାଳୟକୁ ଆସୁଥିବା ସାଧାରଣ ଜନତା ଠାରୁ ଆରମ୍ଭ କରି କର୍ମଚାରୀମାନେ କାର୍ଯ୍ୟାଳୟ ଭିତରେ ପ୍ରବେଶ ପୂର୍ବରୁ ହ୍ୟାଣ୍ଡ୍ ସାନିଟାଇଜ କରି ପ୍ରବେଶ କରିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଉଛି। କିନ୍ତୁ ଭଞ୍ଜନଗର ଅଞ୍ଚଳର ଅଧିକାଂଶ କାର୍ଯ୍ୟାଳୟରେ ଏହା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ଭଞ୍ଜନଗର ଗ୍ରାମ୍ୟ ପାଇପ୍ ଜଳ ଯୋଗାଣ ନିର୍ବାହୀଯନ୍ତ୍ରୀ (ଆରଡ଼ବ୍ଲୁଏସ୍ଏସ୍)ଙ୍କ କାର୍ଯ୍ୟାଳୟରେ ଥିବା ହ୍ୟାଣ୍ଡ ସାନିଟାଇଜ୍ ମେଶିନଟି ବହୁଦିନ ହେବ ଅଚଳ ହୋଇଥିଲେ ମଧ୍ୟ ମରାମତି କରାଯାଉନାହିଁ।



ଆର୍‌ଡବ୍ଲ୍ୟୁଏସ୍ଏସ୍ କାର୍ଯ୍ୟାଳୟରେ ଝୁଲୁଥିବା ଅଚଳ ମେଶିନ୍।

ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ହ୍ୟାଣ୍ଡ ସାନିଟାଇଜ୍ ମେଶିନଟି ମଧ୍ୟ ଅଚଳ ହୋଇପଡ଼ିଛି। ସହରର ଅନେକ କାର୍ଯ୍ୟାଳୟର ଏଭଳି ଅବସ୍ଥା। ସାନିଟାଇଜର ମେଶିନ କେତକ କାର୍ଯ୍ୟାଳୟ ସରକାରୀ ଅର୍ଥରେ କିଣିଥିବା ବେଳେ ଆଉ କେତେକ କାର୍ଯ୍ୟାଳୟକୁ ବାଦନ୍ୟ ବ୍ୟକ୍ତି ଏବଂ ଅନୁଷ୍ଠାନ ପ୍ରଦାନ କରିଛନ୍ତି। ଦକ୍ଷିଣ ଘୁମୁସର ବନଖଣ୍ଡ କାର୍ଯ୍ୟାଳୟରେ କର୍ମଚାରୀଙ୍କଠାରୁ ଆରମ୍ଭ କରି କାର୍ଯ୍ୟାଳୟକୁ ଆସୁଥିବା ଲୋକ ହାତ ସାନିଟାଇଜ କରୁଛନ୍ତି। ଥର୍ମାଲ ସ୍କ୍ରିନିଂ ସହ ଅକ୍ସିଜେନ୍‌ସ୍ତର ମଧ୍ୟ ସମ୍ପୃକ୍ତ କାର୍ଯ୍ୟାଳୟରେ ମପା ଯାଉଛି। ବନ ବିଭାଗ ପକ୍ଷରୁ ଏହିଭଳି ପଦକ୍ଷେପକୁ ଲୋକେ ସ୍ୱାଗତ କରୁଛନ୍ତି। ଅନ୍ୟ ବିଭାଗ ଗୁଡ଼ିକ ମଧ୍ୟ ଏଭଳି ପଦକ୍ଷେପ ନେବା ଆବଶ୍ୟକତା ରହିଛି।

### ସାନିଟାଇଜର ବାବଦକୁ ବହୁ ଅର୍ଥ ବରବାଦ

ଅପରପକ୍ଷେ କେତକ କାର୍ଯ୍ୟାଳୟରେ ସାନିଟାଇଜ ମେଶିନ ସମେତ ଅନ୍ୟାନ୍ୟ ଜିନିଷ ହଜାର ହଜାର ଟଙ୍କା ଖର୍ଚ୍ଚ କରି କିଣାଯାଇଥିଲେ ମଧ୍ୟ ଠିକ୍‌ରେ ବିନିଯୋଗ ହେଉନାହିଁ। ଏଥିସହ କେତେକ ସରକାରୀ କାର୍ଯ୍ୟାଳୟରେ ସାମାଜିକ ଦୂରତା ରହୁନାହିଁ। କର୍ମଚାରୀ ମାସ୍କ ମଧ୍ୟ ବ୍ୟବହାର କରୁନାହାନ୍ତି। ଏହିଭଳି କର୍ମଚାରୀଙ୍କୁ ଚିହ୍ନଟ କରି ସଚେତନ କରାଯିବାର ଆବଶ୍ୟକତା ରହିଛି। ଏନେଇ ଗ୍ରାମ୍ୟ ପାଇପ ଜଳ ଯୋଗାଣ ବିଭାଗର ଜୈନେକ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ମେଶିନଟି ଜଣେ ବାଦନ୍ୟ ବ୍ୟକ୍ତି ଦାନ କରିଥିଲେ। ଏହା ବେଳେବେଳେ ଚାଲୁଥିବା ବେଳେ କେତେବେଳେ ବନ୍ଦ ହୋଇଯାଉଛି। ତଥାପି ସମସ୍ତ କର୍ମଚାରୀ ସାନିଟାଇଜ୍ ପ୍ରତି ଧ୍ୟାନ ଦେଉଛନ୍ତି।

